# NATIONAL NEWS BULLETIN (ODIA)
## 9th August - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ହର୍ ଘର୍ ତିରଙ୍ଗା ଅଭିଯାନରେ ଦେଶବାସୀଙ୍କୁ ସାମିଲ୍ ହେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ପି.ଏମ୍. ଆବାସ ଯୋଜନା ଅଧୀନରେ ଦେଶରେ ୧ କୋଟି ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଆବାସ ହୋଇଛି ମଞ୍ଜୁର ।
- ଚୀନର ପୂର୍ବ ଉପକୂଳରେ ସ୍ଥଳଭାଗ ସ୍ପର୍ଶ କଲା ଟାଇଫୁନ୍ ଡଲ୍‌ଫିନ୍ ।
- ଭାରତ-ଆମେରିକା ନୌସେନା ପକ୍ଷରୁ ଆସନ୍ତାକାଲିଠାରୁ ମିଳିତ ଭାବେ ଆରମ୍ଭ ହେବ ବିସ୍ଫୋରକ ଅସ୍ତ୍ର ନିରୋଧୀ ଅଭ୍ୟାସ ।

ଏବଂ

- କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ମହିଳା ଏକକ ବର୍ଗରେ ଟାଇଟଲ୍ ହାସଲ କଲେ ଭାରତର ଅସ୍ମିତା ଚଲିହା ।

# ହର୍ ଘର ତ୍ରିରଙ୍ଗା

ଦେଶବ୍ୟାପୀ 'ହର ଘର ତିରଙ୍ଗା' ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି । ୧୭ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଦେଶପ୍ରେମ, ଜାତୀୟ ଏକତା, ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ଜାତୀୟ ପତାକା ଉତ୍ତୋଳନରେ ନାଗରିକଙ୍କୁ ଉତ୍ସାହିତ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ । ୨୦୨୨ ମସିହାରୁ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନର ଅଂଶ ଭାବେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ଭାରତର ସବୁଠାରୁ ଜନ ଭାଗିଦାରୀ ଅଭିଯାନ ମଧ୍ୟରୁ ଏହା ଅନ୍ୟତମ । ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ସହିତ ଚଳିତବର୍ଷ ଏହି ଅଭିଯାନ ବିଶେଷ ଗୁରୁତ୍ୱ ବହନ କରୁଛି । ଏହି ଅବସରରେ ଦେଶବ୍ୟାପୀ ବନ୍ଦେ ମାତରମ୍ ସାମୂହିକ ଗାନର ଆୟୋଜନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ ଦେଶବାସୀଙ୍କୁ ଏହି ଅଭିଯାନରେ ସାମିଲ ହୋଇ ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ବନ୍ଦେ ମାତରମ୍ ଗାନ କରିବାକୁ ଆହ୍ୱାନ ଦିଆଯାଇଛି ।

***Voice** :.......*

# ଭି.ପି. - ହର୍ ଘର ତ୍ରିରଙ୍ଗା

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ହର୍ ଘର୍ ତିରଙ୍ଗା ଅଭିଯାନର ଅଂଶସ୍ୱରୂପ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର ରାଜଧାନୀ ଶ୍ରୀବିଜୟପୁରମ୍‌ସ୍ଥିତ ଫ୍ଲାଗ୍‌ପଏଣ୍ଟ୍‌ଠାରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଏହି ଅବସରରେ ସେ ଦେଶର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଉପରାଷ୍ଟ୍ରପତି' ଡକ୍ଟର ବି.ଆର୍. ଆମ୍ବେଦକର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଅଡିଟୋରିଅମ୍‌ଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ 'ତିରଙ୍ଗା କନ୍‌ସର୍ଟ ଅନ୍ ବନ୍ଦେ ମାତରମ୍'ରେ ଯୋଗ ଦେଇଥିଲେ । ଶ୍ରୀ ରାଧାକ୍ରିଷ୍ଣନ୍ ଭାରତର ସ୍ୱାଧୀନତା ସଂଗ୍ରାମ ସହ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର ରହିଥିବା ସ୍ୱର୍ଣ୍ଣମୟ ଐତିହ୍ୟର ସ୍ମରଣ କରିଥିଲେ । ସେ କହିଛନ୍ତି, ଏହି ଦ୍ୱୀପପୁଞ୍ଜରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅକଥନୀୟ ଅତ୍ୟାଚାର ଦିଆଯାଉଥିଲା । ଦେଶର ସ୍ୱାଧୀନତା ସଂଗ୍ରାମପାଇଁ ସେମାନେ ଅକଳ୍ପନୀୟ ଯନ୍ତ୍ରଣା ଭୋଗ କରିଥିଲେ । ସେଲୁଲାର୍ ଜେଲ୍‌ର ଉଲ୍ଲେଖନୀୟ ଐତିହ୍ୟ ବର୍ଣ୍ଣନା କରି ଶ୍ରୀ ରାଧାକ୍ରିଷ୍ଣନ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ଏବଂ ଅବଦାନକୁ ମନେ ପକାଇଥିଲେ ।

ସେ ମଧ୍ୟ ୧୯୪୩ ମସିହା ଡିସେମ୍ବର ୩୦ ତାରିଖ ଐତିହାସିକ ଦିବସର ସ୍ମୃତିଚାରଣ କରି କହିଥିଲେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏହିଦିନ ପୋର୍ଟ ବ୍ଲେୟାର୍‌ଠାରେ ତ୍ରିରଙ୍ଗା ପତାକା ଉଡ଼ାଇଥିଲେ । ବନ୍ଦେ ମାତରମ୍

ଜୟଗାନ ସମ୍ପର୍କରେ ଉପରାଷ୍ଟ୍ରପତି କହିଛନ୍ତି, ଏହି ସଙ୍ଗୀତ ସ୍ୱାଧୀନତା ଆନ୍ଦୋଳନ ସମୟରେ ଦେଶବାସୀଙ୍କ ମଧ୍ୟରେ ଜାତୀୟତାବାଦ ଏବଂ ଏକତାର ମନୋଭାବ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ' ଭାରତର ବିବିଧତା ମଧ୍ୟରେ ଏକତାର ପ୍ରତୀକ ବୋଲି ସେ ବର୍ଣ୍ଣନା କରିଛନ୍ତି । ଶ୍ରୀ ରାଧାକ୍ରିଷ୍ଣନ୍ ଆଣ୍ଡାମାନ-ନିକୋବରକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି । ଗତକାଲି ସେ ସେଲୁଲାର ଜେଲ୍ ଜାତୀୟ ସ୍ମାରକୀ ପରିଦର୍ଶନ କରି ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ପି.ଏମ୍. - ହର୍ ଘର୍ ତ୍ରିରଙ୍ଗା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ହର୍ ଘର୍ ତିରଙ୍ଗା ଅଭିଯାନରେ ଦେଶବାସୀ' ଆଗ୍ରହ ଏବଂ ଉତ୍ସାହ ସହକାରେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ବିକଶିତ ଭାରତ ଗଠନ ଦିଗରେ ସାମୂହିକ ସଙ୍କଳ୍ପ ନେବାଲାଗି ସେ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ତିରଙ୍ଗା ପତାକା ହେଉଛି ଦେଶର ଗର୍ବ ଓ ଗୌରବ । ଦେଶପାଇଁ ଏହା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବାପାଇଁ ନିରନ୍ତର ଉତ୍ସାହ ପ୍ରଦାନ କରିଥାଏ । ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ସହିତ ଚଳିତ ବର୍ଷ ଏହି

ଅଭିଯାନକୁ ଉତ୍ସର୍ଗୀକୃତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଅମିତ ଶାହା - ପୁଡୁଚେରୀ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପୁଡୁଚେରୀ ମୁରୁଗା ଥିଏଟର୍ ସିଗ୍ନାଲ୍ଠାରେ ହର୍ ଘର୍ ତିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଉପରାଜ୍ୟପାଳ କେ, କୈଳାସନାଥନ୍, ପୁଡୁଚେରୀ ଗୃହମନ୍ତ୍ରୀ ଏ. ନମଶିବାୟମ୍ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଜି.ଏନ୍.ଏସ୍. ରାଜଶେଖରନ୍ ଏବଂ ବିଜେ.ପି. ସଭାପତି ଭି.ପି. ରାମଲିଙ୍ଗମ୍ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ର୍ୟାଲିରେ ସଂଖ୍ୟାଧିକ ଲୋକ ଜାତୀୟ ପତାକା ଧରି ଯାତ୍ରା କରିଥିଲେ ।

ପୂର୍ବରୁ ଶ୍ରୀ ଶାହା ପୁଡୁଚେରୀସ୍ଥିତ ଗୋରୀମେଦୁ ପୁଲିସ ଟ୍ରେନିଂ ସ୍କୁଲରେ ଆୟୋଜିତ ରାଷ୍ଟ୍ରପତି ପୁଲିସ ଧ୍ୱଜ ପ୍ରଦାନ ଉତ୍ସବରେ ଯୋଗଦେଇ କହିଛନ୍ତି, ନୂତନ ଅପରାଧିକ ଆଇନ୍‌ର ଉଦ୍ଦେଶ୍ୟ ହେଉଛି ଅଧିକ ପ୍ରଯୁକ୍ତିବିଦ୍ୟା ଆଧାରିତ ଏବଂ ସମୟବଦ୍ଧ ପ୍ରଣାଳୀ ମାଧ୍ୟମରେ ନାଗରିକମାନଙ୍କ ପାଇଁ ନ୍ୟାୟକୁ ସୁନିଶ୍ଚିତ କରିବା । ପୁଡୁଚେରୀ ପୁଲିସକୁ ଅଭିନନ୍ଦନ ଜଣାଇ ଶ୍ରୀ ଶାହା କହିଛନ୍ତି ରାଷ୍ଟ୍ରପତିଙ୍କ ପୁଲିସ ଧ୍ୱଜ ଗ୍ରହଣ କରିବା ଏକ ଗର୍ବର ବିଷୟ ଏବଂ ଏହା ପୁଲିସମାନଙ୍କର ଶୃଙ୍ଖଳାଗତ ଜୀବନକୁ ଦର୍ଶାଉଛି ।

ଶ୍ରୀ ଶାହା କହିଛନ୍ତି ପୁଡୁଚେରୀ ପୁଲିସ ୫ହଜାର କର୍ମଚାରୀଙ୍କୁ ନେଇ ସୁଦୃଢ଼ ହୋଇଛି । ସେମାନେ ଆନ୍ତଃ ସୁରକ୍ଷା ସହ ଏହି କେନ୍ଦ୍ରଶାସିତ ଅଞ୍ଚଳର ସମ୍ମାନ ଏବଂ ଗରିମାକୁ ରକ୍ଷାକରିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି । ରାଷ୍ଟ୍ରପତି ପୁଲିସ ଧ୍ୱଜ ଦ୍ୱାରା ସମ୍ମାନିତ ହେବାରେ ପୁଡୁଚେରୀ ଦେଶର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଅଷ୍ଟାଦଶତମ ସ୍ଥାନ ଅଧିକାର କରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ପି.ଏମ୍.ଏ.ୱାଇ. (ୟୁ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) PMAY-U ଏବଂ PMAY-2.0 ଅଧୀନରେ ୧ କୋଟି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଆବାସ ମଞ୍ଜୁର ହୋଇଥିବା ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ୧ କୋଟିରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ପ୍ରାୟ ୧ କୋଟି ବାସଗୃହ ମହିଳାଙ୍କ ନାମରେ ମଞ୍ଜୁର ହୋଇଛି । ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ବିହାର, ଛତିଶଗଡ଼, ଗୁଜରାଟ, ଜମ୍ମୁ ଓ କାଶ୍ମୀର ସମେତ ୧୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥନୈତିକ ଦୁର୍ବଳ ବର୍ଗର ପରିବାରଗୁଡ଼ିକ PMAY-2.0 ଅଧୀନରେ ୨ ଲକ୍ଷ ୯

ହଜାରରୁ ଊର୍ଦ୍ଧ୍ୱ ବାସଗୃହ ମଞ୍ଜୁର କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସେଥିମଧ୍ୟରୁ ୨ ଲକ୍ଷ ୩ ହଜାରରୁ ଊର୍ଦ୍ଧ୍ୱ ଗୃହ ମହିଳାଙ୍କୁ ପ୍ରଦାନ କରାଯାଇଛି । ସେହିପରି ୧୬ ହଜାର ୬ ଶହରୁ ଊର୍ଦ୍ଧ୍ୱ ବାସଗୃହ ବରିଷ୍ଠ ନାଗରିକ, ୨୨ ହଜାର ଅନୁସୂଚିତ ଜାତି ହିତାଧିକାରୀ, ୧୪ ହଜାରରୁ ଊର୍ଦ୍ଧ୍ୱ ଅନୁସୂଚିତ ଜନଜାତି ହିତାଧିକାରୀ ଏବଂ ୭୫ ହଜାରୁ ଊର୍ଦ୍ଧ୍ୱ ଅନ୍ୟାନ୍ୟ ପଛୁଆବର୍ଗଙ୍କପାଇଁ ମଞ୍ଜୁର କରାଯାଇଛି ।

## ଚୀନ୍ - ଟାଇଫୁନ୍ ଡଲ୍ଫିନ୍

ଚୀନ୍‌ର ପୂର୍ବ ଉପକୂଳରେ ଟାଇଫୁନ୍ ଡଲ୍ଫିନ୍ ସ୍ଥଳଭାଗ ଛୁଇଁଛି । ଫଳରେ ଝେଜିଆଙ୍ଗ୍ ଏବଂ ଫୁଜିଆନ୍ ପ୍ରଦେଶ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଚୀନ୍‌ର ଜାତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ଟାଇଫୁନ୍ ଡଲ୍ଫିନ୍ ପ୍ରଭାବରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ସାଙ୍ଘାଇର ୨ଟି ବିମାନ ବନ୍ଦରରେ ୧୩ ଶହରୁ ଊର୍ଦ୍ଧ୍ୱ ବିମାନ ଚଳାଚଳ ସ୍ଥଗିତ ରଖାଯାଇଛି । ଚୀନ୍‌ର ଝେଜିଆଙ୍ଗ୍, ଫୁଜିଆନ୍, ସାଙ୍ଘାଇ, ଜିଆଙ୍ଗ୍‌ସୁ ଆଦି ପ୍ରଦେଶରେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ସେଠାକାର ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଟାଇଫୁନ୍ ଉତ୍ତର-ପଶ୍ଚିମମୁଖୀ ହୋଇ କ୍ରମଶଃ ଗତିକରି ଦୁର୍ବଳ ହେବାର ସମ୍ଭାବନା ରହିଛି ।

## ଇଣ୍ଡିଆ-ୟୁ.ଏସ୍. ନାଭି ଏକ୍ସରସାଇଜ୍

ଭାରତୀୟ ନୌସେନା ଏବଂ ଆମେରିକା ନୌସେନା ମିଳିତ ଭାବେ ବିସ୍ଫୋରକ ଅସ୍ତ୍ରଶସ୍ତ୍ର ନିରୋଧ ଅଭ୍ୟାସ - ୨୦୨୬ ଆସନ୍ତାକାଲିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଦକ୍ଷିଣାଞ୍ଚଳ ନାଭାଲ୍ କମାଣ୍ଡ କୋଚିଠାରେ ଆରମ୍ଭ ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଦୁଇ ନୌସେନା ମଧ୍ୟରେ ବୈଷୟିକ ସହଯୋଗ ସୁଦୃଢ଼ କରିବା ବିଶେଷକରି ବିସ୍ଫୋରକ ସାମଗ୍ରୀ ପ୍ରତିହତ କରିବା ଦିଗରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା ଏହି ଅଭ୍ୟାସର ଲକ୍ଷ୍ୟ ରହିଛି । ପାଞ୍ଚ ଦିନବ୍ୟାପୀ ହେବାକୁ ଥିବା ଏହି ନୌସେନା ଅଭ୍ୟାସ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ, ଯନ୍ତ୍ରାଂଶ ପ୍ରଦର୍ଶନ ଏବଂ ପରିବେଶଭିତ୍ତିଭ ଅଭ୍ୟାସ କରାଯିବ । ୨୦୦୫ ମସିହାରୁ ଦୁଇ ନୌସେନା ମଧ୍ୟରେ ଏହି ଅଭ୍ୟାସ ଆରମ୍ଭ ହୋଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆସନ୍ତାକାଲି ରାତି ସାଢ଼େ ୯ଟାରେ **ଅଙ୍ଗଦାନ - ଅନ୍ଧବିଶ୍ୱାସ ଦୂରୀକରଣ, ଜୀବନ ରକ୍ଷାକାରୀ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ ।

ନୂଆଦିଲ୍ଲୀସ୍ଥିତ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଙ୍ଗଠନର ନିର୍ଦ୍ଦେଶକ ଡାକ୍ତର ଅନିଲ୍ କୁମାର ଏବଂ ଏମ୍ସ୍‌ର ଡାକ୍ତର ରାଜେଶ ସିହ୍ନା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ ।

## ନାଗାସାକି - ବମ୍ବିଂ

ଜାପାନର ନାଗାସାକୀଠରେ ଯୁକ୍ତରାଷ୍ଟ୍ର ଆମେରିକାର ପରମାଣୁ ବୋମା ନିକ୍ଷେପଣର ୮୧ତମ ବାର୍ଷିକୀ ପାଳନ କରାଯାଉଛି । ଏହି ଅବସରରେ ସେଠାକାର ପ୍ରଧାନମନ୍ତ୍ରୀ ସାନାଏ ତାକାଚି’ ଆଣବିକ ଅସ୍ତ୍ରମୁକ୍ତ ବିଶ୍ୱ ଗଠନ ଦିଗରେ ଆଗେଇବାକୁ ଗୁରୁତ୍ୱାରୋପ କରିଛନ୍ତି । ଜାପାନର ନୀତି’ ଆଣବିକ ଅସ୍ତ୍ରନିରୋଧୀ ଚୁକ୍ତି ଉପରେ ପର୍ଯ୍ୟବସିତ । ନାଗାସାକୀର ପିସ୍ ପାର୍କଠରେ ଆଜି ଆୟୋଜିତ ନିରବ ପ୍ରାର୍ଥନା ସମାରୋହରେ ୯୦ଟି ଦେଶର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ୧୯୪୫ ମସିହା ଅଗଷ୍ଟ ୯

ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା' ନାଗାସାକୀ ଉପରେ 'ଫ୍ୟାଟ୍ ମ୍ୟାନ୍' ନାମକ ପ୍ଲୁଟୋନିୟମ୍ ଡିଭାଇସ୍ ପ୍ରକ୍ଷେପଣ କରିଥିଲା । ଏଥିରେ ପ୍ରାୟ ୭୪ ହଜାର ଲୋକ ପ୍ରାଣ ହରାଇଥିଲେ । ଏହାଫଳରେ ଜାପାନ ନିଃସର୍ତ୍ତ ସମର୍ପଣ କରିଥିଲା ।

## ବ୍ୟାଡ୍‌ମିଣ୍ଟନ୍

ଭାରତର ଅସ୍ମିତା ଚଲିହା କୋରିଆ ମାଷ୍ଟର୍ସ ୨୦୨୬ ବ୍ୟାଡମିଣ୍ଟନ ମହିଳା ଏକକ ବର୍ଗରେ ଟାଇଟଲ ହାସଲ କରିଛନ୍ତି । ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅସ୍ମିତା ଚୀନ୍‌ର ପ୍ରତିଦ୍ୱନ୍ଦ୍ୱୀ ହାନ୍ କ୍ୱାନ୍ ସି'ଙ୍କୁ ୧୪-୨୧, ୨୧-୧୪ ଏବଂ ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି । ଗତକାଲି ସେମିଫାଇନାଲରେ ଭାରତୀୟ ଖେଳାଳି ରକ୍ଷିତା ରାମରାଜଙ୍କୁ ୨୧-୧୩, ୧୬-୨୧ ଏବଂ ୨୧-୧୩ ସେଟ୍‌ରେ ପରାସ୍ତ କରି ଅସ୍ମିତା ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଥିଲେ ।

*****